# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 25th August – 2026

***********************************

## ମୁଖ୍ୟ ସମ୍ବାଦ

- ଭାରତର ଡିଜିଟାଲ୍ ଦେଣନେଣ କ୍ଷେତ୍ରରେ ୟୁ.ପି.ଆଇ. ବୈପ୍ଳବିକ ପରିବର୍ତ୍ତନ ଆଣିଛି; ୧୦ ବର୍ଷ ପୂର୍ତ୍ତି ଅବସରରେ କହିଲେ ପ୍ରଧାନମନ୍ତ୍ରୀ ।

- ବିଧାନସଭା ମୌସୁମୀ ଅଧିବେଶନ ଆସନ୍ତା ମାସ ୨୨ ତାରିଖରୁ ହେବ ଆରମ୍ଭ ।

- ଆୟୁଷ୍ମାନ ଯୋଜନା ଅଧୀନରେ ୯୧ଟି ନୂତନ କର୍କଟ ଚିକିତ୍ସା ସୁବିଧାକୁ ସାମିଲ୍ କରାଯାଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ।

- ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିରଥର ଭଙ୍ଗାକାର୍ଯ୍ୟ ଆରମ୍ଭ ।

ଏବଂ

- ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା ।

— ବନ୍ୟା ପ୍ରଭାବିତ ଅଞ୍ଚଳରେ ସର୍ପାଘାତରେ ୬ ଜଣଙ୍କ ମୃତ୍ୟୁ ।

*Desk*

# ୟୁ.ପି.ଆଇ.

ଭାରତରେ ସାର୍ବଜନୀନ ଡିଜିଟାଲ୍ ଆର୍ଥିକ କାରବାର-ୟୁ.ପି.ଆଇ. ୧୦ ବର୍ଷ ପୂରଣ କରିଛି । ଗତ ଦଶନ୍ଧିରେ ୟୁ.ପି.ଆଇ. ଭାରତର ଡିଜିଟାଣ ନେଣଦେଣ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି । ଏହା ଭାରତର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାର ମେରୁଦଣ୍ଡ ହେବା ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରମୁଖ ଚାଳକ ଭାବେ ଉଭା ହୋଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଭାରତର ଡିଜିଟାଲ ଦେଣନେଣ ଯାତ୍ରାରେ ୟୁପିଆଇ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି । ଦେଶବାସୀଙ୍କୁ ସେମାନଙ୍କ ୟୁପିଆଇ ସମ୍ବନ୍ଧିତ ଅନୁଭବ ବାଣ୍ଟିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ପ୍ରତ୍ୟେକ ଭାରତୀୟ ୟୁପିଆଇର ସଫଳତା ନେଇ ଗର୍ବ ଅନୁଭବ କରିବା ଆବଶ୍ୟକ । ଆସନ୍ତୁ ଶୁଣିବା ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ....

ୟୁ.ପି.ଆଇ. ବ୍ୟବସ୍ଥା ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱର ସବୁଠାରୁ ବୃହତ୍ ଡିଜିଟାଲ୍ କାରବାରର ମାଧ୍ୟମ ଭାବେ ସ୍ୱୀକୃତି ଲାଭ କରିଛି । ଏହି ବ୍ୟବସ୍ଥା ୨୦୧୬ ମସିହା ଅଗଷ୍ଟ ୨୫ ତାରିଖରେ ଆରମ୍ଭ ହୋଇଥିଲା । ୟୁ.ପି.ଆଇ. ଯୋଗୁଁ ଦୈନନ୍ଦିନ ଅର୍ଥ କାରବାର ଦ୍ରୁତ ଓ ସହଜ ହୋଇପାରିଛି । ବିଲ୍, ମୋବାଇଲ୍ ରିଜାର୍ଜ, ଟ୍ରେନ୍ ଟିକେଟ୍ ଆଦି ବିଭିନ୍ନ ଆବଶ୍ୟକତାର ନେଣଦେଣ ମାତ୍ର କିଛି ସେକେଣ୍ଡ ମଧ୍ୟରେ ହୋଇପାରୁଥିବାରୁ ଏହାର ବ୍ୟବହାର ବୃଦ୍ଧି ପାଇଛି । ୨୦୧୬-୧୭ ଆର୍ଥିକ ବର୍ଷରେ ବାର୍ଷିକ କାରବାର ସଂଖ୍ୟା ୧

କୋଟି ୭୮ ଲକ୍ଷ ହୋଇଥିବାବେଳେ ଗତ ଆର୍ଥିକ ବର୍ଷରେ ଏହା ବୃଦ୍ଧିପାଇ ୨୪ ହଜାର ୧୬୨ କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ମଇ ମାସରେ ପ୍ରଥମ ଥରପାଇଁ ୟୁ.ପି.ଆଇ. ମାସିକ କାରବାର ସଂଖ୍ୟା ୨ ହଜାର ୩ ଶହ କୋଟି ଟଙ୍କା ଅତିକ୍ରମ କରିଛି । ଗତ ଦଶନ୍ଧି ମଧ୍ୟରେ ଏହା ହେଉଛି ସର୍ବାଧିକ ମାସିକ କାରବାର ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୟୁ.ପି.ଆଇ. ବ୍ୟବସ୍ଥାଦ୍ୱାରା ଟଙ୍କା କାରବାର ଦ୍ରୁତ ଏବଂ ସୁବିଧାଜନକ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ୟୁ.ପି.ଆଇ. ଡିଜିଟାଲ୍ ନେଣଦେଣକୁ ଦୈନନ୍ଦିନ ଜୀବନର ଏକ ସହଜ ଓ ଅବିଚ୍ଛିନ୍ନ ଅଂଶରେ ପରିଣତ କରିଛି ।

ରାସ୍ତାକଡ଼ର ଛୋଟ ଦୋକାନୀଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ପର୍ଯ୍ୟନ୍ତ, ଗାଁଠାରୁ ସହର ପର୍ଯ୍ୟନ୍ତ ୟୁ.ପି.ଆଇ. ପ୍ରତ୍ୟେକ କାରବାରକୁ ସୁଗମ କରିପାରିଛି । ଏହା ଅଧିକ ସଂଯୋଜିତ, ସଶକ୍ତ ଏବଂ ଆତ୍ମନିର୍ଭର ରାଷ୍ଟ୍ର ଗଠନକୁ ସୁଦୃଢ଼ କରିଛି । ଆଗାମୀ ଦଶନ୍ଧିରେ ୟୁ.ପି.ଆଇ.ର ପରିସର ଆହୁରି ବୃଦ୍ଧି ପାଇବ । ନୂତନ ବ୍ୟବହାରକାରୀ ଓ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଅନ୍ତର୍ଭୁକ୍ତ କରି ୟୁ.ପି.ଆଇ. ଇକୋ ସିଷ୍ଟମ୍‌କୁ ଅଧିକ ସୁଦୃଢ଼ କରିବାକୁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

*Desk*

# ମୌସୁମୀ ଅଧିବେଶନ

ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ମାସ ୨୨ ତାରିଖରୁ ଆରମ୍ଭ ହେବ । ଅଧିବେଶନ କାଳରେ ୯ଟି କାର୍ଯ୍ୟଦିବସ ରହିବା ସହ ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ । ଗୋଟିଏ ଛୁଟିଦିନ ରହିଥିବାବେଳେ ଦୁଇଟି ନୋ ମିଟିଙ୍ଗ୍ ଡେ ରହିଛି । ଏହା ଅକ୍ଟୋବର ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Desk*

# ମୁଖ୍ୟମନ୍ତ୍ରୀ କର୍କଟ କେୟାର୍ ଯୋଜନା

ଆୟୁଷ୍ମାନ ଯୋଜନା ଅଧୀନରେ ୯୧ଟି ନୂତନ କର୍କଟ ଚିକିତ୍ସା ପ୍ୟାକେଜ୍ ସାମିଲ୍ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଏଥିସହ ୩୧୧ କୋଟି ବ୍ୟୟ ବରାଦରେ ମୁଖ୍ୟମନ୍ତ୍ରୀ କ୍ୟାନ୍ସର କେୟାର୍ ଯୋଜନା ଆରମ୍ଭ କରାଯାଇଛି । କଟକ ସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଗସ୍ତ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ' ସ୍ୱାସ୍ଥ୍ୟ ବ୍ୟବସ୍ଥାର ତଦାରଖ କରିଛନ୍ତି । ଏହି ଅବସରରେ ସେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ରୋଗୀମାନେ ଯେଉଁଳି ତୃଣମୂଳ ସ୍ତରରେ

ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇପାରିବେ, ସେନେଇ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

*Puri/R*

## ପୁରୀ - ରଥଭଙ୍ଗା

ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ଶେଷ ହୋଇଥିବାବେଳେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରହିଥିବା ତିନିରଥର ଭଙ୍ଗା କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି । ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶକ୍ରମେ ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ତତ୍ତ୍ୱାବଧାନରେ ଭୋଇସେବକମାନେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି । ତେବେ ବିଧି ପରମ୍ପରା ଅନୁଯାୟୀ ପ୍ରଥମେ ସୁଭଦ୍ରାଙ୍କ ଦର୍ପଦଳନ ରଥର ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଛି । ପରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭଙ୍ଗାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଲଘୁଚାପ କ୍ଷେତ୍ର ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର

ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ଼ ଜିଲ୍ଲାର ବାରକୋଟଠାରେ ସର୍ବାଧିକ ୧୬୨ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

ରାଜ୍ୟରେ ଲଘୁଚାପର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇଛି । ସେହିଭଳି କଳାହାଣ୍ଡି ଜିଲ୍ଲାରେ ପ୍ରବାହିତ ହାତୀ ଓ ତେଲ ନଦୀରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ଭଦ୍ରକ, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ କଳାହାଣ୍ଡି ଆଦି ଜିଲ୍ଲା ପ୍ରଭାବିତ ହୋଇଛି ।

ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଭୁବନେଶ୍ୱରଠାରେ ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ବିଭିନ୍ନ ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଅପର କୋଲାବ, ବାଲିମେଳା, ମାଛକୁଣ୍ଡ, ଇନ୍ଦ୍ରାବତୀ, ସାଳନ୍ଦୀ, ଲୋୟର ସୁକତେଲ ଜଳଭଣ୍ଡାରର ଜଳସ୍ତର କମିବା ସହ ସ୍ୱାଭାବିକ ଜଳ ନିଷ୍କାସିତ ହେଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୌଣସି ପ୍ରକାର ବିପଦ ନ ଥିବା ଶ୍ରୀ ପୂଜାରୀ କହିଛନ୍ତି ।

***Voice (Suresh Pujari)*** :.........

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୨ ଦଶମିକ ୮/୭ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୯୭ ହଜାର ୧୬୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି

ଗେଟ୍ ଦେଇ ୨ ଲକ୍ଷ ୮୬ ହଜାର ୧୧୬ ଘନଫୁଟ ଜଳ ନିଷ୍କାସିତ ହେଉଛି ।

ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ଯୋଗୁଁ ବନ୍ୟା ପ୍ରଭାବିତ ଜଳବନ୍ଦୀ ଅଞ୍ଚଳର ଭିନ୍ନ ଭିନ୍ନ ସ୍ଥାନରେ ସାପକାମୁଡ଼ାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ରାଉରକେଲା ଚାନ୍ଦିପୋଷ ଥାନା ହାତୀଓଡ଼ା ଗ୍ରାମରେ ୨ଜଣ, ବଣାଇ ଟିକାୟତପାଲି ଥାନା ଭୂୟାଁ ସାହିରେ ୨, ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବିଷ୍ଣୁପରରେ ଜଣେ ଏବଂ ଭଦ୍ରକର ଚାନ୍ଦବାଲି ବ୍ଲକ୍‌ର ଉତୁକୁଡ଼ା ପଞ୍ଚାୟତରେ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

***Desk***

## ରଘୁନାଥ ପାଣିଗ୍ରାହୀ ପୁଣ୍ୟତିଥି

ଓଡ଼ିଶୀ ସଙ୍ଗୀତ, ଜଗନ୍ନାଥ ସଂସ୍କୃତି ଓ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ପାଣିଗ୍ରାହୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି । ଆଜି ତାଙ୍କ ପୁଣ୍ୟତିଥିରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ ରକାଯାଉଛି । ସ୍ୱର୍ଗତ ପାଣିଗ୍ରାହୀଙ୍କ ୨୦୧୩ ମସିହା ଆଜିର ଦିନରେ ପରଲୋକ ହୋଇଥିଲା । ତାଙ୍କ ସୁମଧୁର ଗାୟନ ପାଇଁ ସେ ସୁରମଣି ଭାବେ ପରିଚିତ ଥିଲେ । ୨୦୧୦ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ତାଙ୍କ ପୁଣ୍ୟତିଥି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରଘୁନାଥ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ଓଡ଼ିଆ ସଙ୍ଗୀତ ଓ ସଂସ୍କୃତିକୁ ସମୃଦ୍ଧ କରିବାରେ ତାଙ୍କର ଅମୂଲ୍ୟ ଅବଦାନ ଚିରସ୍ମରଣୀୟ ହୋଇ ରହିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦ୍ମଶ୍ରୀ ରଘୁନାଥ ପାଣିଗ୍ରାହୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକ ବର୍ଦ୍ଧନ ସିଂହଦେଓ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଛନ୍ତି ।

***Nuapada/R***

# ଏନ୍.ଏ.ସି. - ପୁରସ୍କାର

ନୂଆପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦକୁ ଉଲ୍ଲେଖନୀୟ କାର୍ଯ୍ୟପାଇଁ ରାଜ୍ୟସ୍ତରରେ ପୁରସ୍କୃତ କରାଯିବ । ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ କୋଟି ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିବେ ।

***Ganjam/R***

# ଅପରାଧ ନିରୋଧୀ ଅଭିଯାନ

ଗଞ୍ଜାମ ଜିଲ୍ଲାରେ ଶାନ୍ତି, ସୁରକ୍ଷା ଓ ଆଇନ ଶୃଙ୍ଖଳା ବଜାୟ ରଖିବାପାଇଁ ପୁଲିସ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅପରାଧ ନିରୋଧୀ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚିହ୍ନଟ ଅପରାଧୀ ଓ ଅଭ୍ୟାସଗତ ଅପରାଧୀଙ୍କୁ ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବାପାଇଁ ସଚେତନ କରାଯାଇଛି । ଆଇନର ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି ।

***Bhadrak/R***

# ଏସ୍.ଆଇ.ଆର୍.

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍.ର ସମୟସୂଚୀ, ଭୋଟର ପଞ୍ଜୀକରଣ ଏବଂ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ନିର୍ବାଚନ ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ ।

******